# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**26 July - 2024**
**News Editor : *Itishree Singh Rathaur***

## ଖଣିଜ ସମ୍ପଦ-ସୁପ୍ରିମକୋର୍ଟ

ଖଣିଜ ସମ୍ପଦ ଅଧିକାର ଉପରେ ଟିକସ ଲଗାଇବାକୁ ରାଜ୍ୟ ସରକାରଙ୍କର ଅଧିକାର ରହିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସୁପ୍ରିମକୋର୍ଟରେ ଗତକାଲି ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି କହିଛନ୍ତି ରାଜ୍ୟ ଗୁଡ଼ିକରେ ଖଣିଜ ସଂପଦ ଉପରେ ଲାଗୁଥିବା ଅଂଶଧନ ଟିକସ ନୁହେଁ । ସେହିଭଳି ଖଣିଜ ଅଧିକାର ଉପରେ ଟିକସ ବସାଇବା କ୍ଷମତା ସଂସଦର ନାହିଁ । ତେବେ ସଂସଦରେ ନୂଆ ଆଇନ ଅଣାଯାଇ ଖଣିଜ ବିକାଶ ସଂପର୍କିତ ରାଜ୍ୟ ଗୁଡ଼ିକର ବ୍ୟବସ୍ଥାପିକା କ୍ଷେତ୍ର ଉପରେ ଅଙ୍କୁଶ ଲଗାଯାଇ ପାରିବ । ବର୍ତ୍ତମାନର ଖଣି ଓ ଖଣିଜ ବିକାଶ ଏବଂ ନିୟାମକ ଆଇନରେ ଏଭଳି କୌଣସି କଟକଣା ନାହିଁ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଅନ୍ୟ ୭ ଜଣ ବିଚାରପତି ସେମାନଙ୍କ ରାୟରେ କହିଛନ୍ତି । ତେବେ ୯ଜଣିଆ ଖଣ୍ଡପୀଠରେ ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନ ଭିନ୍ନମତ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଦିଲ୍ଲୀ ଗସ୍ତ କରିବେ । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ନୀତି ଆୟୋଗ

ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ସମୟରେ ରାଜ୍ୟର ବିଭିନ୍ନ ସମସ୍ୟା ସଂପର୍କରେ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ମେଟ୍ରୋ ରେଳ

ରାଜ୍ୟରେ ଆସନ୍ତା ୨୦୨୭ ମସିହା ସୁଦ୍ଧା ମେଟ୍ରୋ ରେଳ କାର୍ଯ୍ୟକ୍ଷମ ହେବ । ଏ ନେଇ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ମେଟ୍ରୋ ରେଳ ଭୁବନେଶ୍ୱର ବିମାନ ବନ୍ଦରରୁ କଟକର ତ୍ରିଶୂଳିଆ ପର୍ଯ୍ୟନ୍ତ ସଂଯୋଗ ସ୍ଥାପନ କରିବ। ଏଥିଲାଗି ମୋଟ୍ ୬ ହଜାର ୨୫୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।

## ଧର୍ମେନ୍ଦ୍ର-ବଜେଟ୍

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିକଶିତ ଓଡ଼ିଶା ଗଠନ ଦିଗରେ ୨ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ବିକଶିତ ତଥା ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ଏହାକୁ ଏକ ଜନକଲ୍ୟାଣକାରୀ ବଜେଟ୍ ବୋଲି ଅଭିହିତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ସବ୍ କା ସାଥ୍ ସବ୍ କା ବିକାଶ ମନ୍ତ୍ରରେ ସବୁ ବର୍ଗଙ୍କ ଉନ୍ନତିକୁ ଆଖିରେ ରଖି ବଜେଟ୍ ପ୍ରସ୍ତୁତ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ଦକ୍ଷତା ବିକାଶ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି-ଓର୍‌ମାସ୍ ପକ୍ଷରୁ ଗତକାଲି ଦକ୍ଷତା ବିକାଶ ତାଲିମ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱର ଏସ୍‌ଆଇଆର୍‌ଡି ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୀନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ  ଯୋଜନା ଅଧୀନରେ ୧୦ଟି କାର୍ଯ୍ୟକାରୀ ସଂସ୍ଥା ସହ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି ବୁଝାମଣା ସ୍ୱାକ୍ଷରିତ ହେବା ଦ୍ୱାରା ୧୭ହଜାର ୨୨୭ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପ ପାଇଁ ମୋଟ୍ ୧୨୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପଞ୍ଜୀକରଣ ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ଯୋଜନାରେ ଚଳିତ ଖରିଫ ଋତୁରେ ୮ଟି ଫସଲକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଚଳିତବର୍ଷ ମଧ୍ୟ ୨ ହେକ୍ଟର ପର୍ଯ୍ୟନ୍ତ ଜମିର ବୀମା ପାଇଁ ସରକାର ଚାଷୀଙ୍କ ଭାଗ ବହନ କରିବେ ଏବଂ ଆବେଦନର ବୈଧତା ପାଇଁ ଚାଷୀଙ୍କୁ ମାତ୍ର ୧ଟଙ୍କା ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି ।

## ସଂକ୍ରାମକ ରୋଗ

ରାଜ୍ୟରେ ମ୍ୟାଲେରିଆ, ଡେଙ୍ଗୁ ଏବଂ ଝାଡ଼ାବାନ୍ତି ଭଳି ସଂକ୍ରାମକ ରୋଗର ମୁକାବିଲା ପାଇଁ  ଉପଯୁକ୍ତ ପଦକ୍ଷେପ ନେବାକୁ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଏବଂ ମହାନଗର କମିଶନରଙ୍କୁ ପତ୍ର ଲେଖାଯାଇଛି । ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଡାଏରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ **ଷ୍ଟପ୍ ଡାଇରିଆ** ଆରମ୍ଭ କରାଯାଇଛି । ଏହି ଅଭିଯାନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଅଲମ୍ପିକ୍

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଆଜିଠାରୁ ଅଲମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗିତା-୨୦୨୪ ଆରମ୍ଭ ହେଉଛି ।  ଭାରତ ପକ୍ଷରୁ ଶରତ କମଲ ଏବଂ ପି.ଭି. ସିନ୍ଧୁ ଜାତୀୟ ପତାକା ବହନ କରିବେ । ଚଳିତ ଅଲମ୍ପିକ୍ସରେ ଓଡ଼ିଶାରୁ ପୁରୁଷ ହକି ଦଳରେ ଅମିତ ରୋହି ଦାସ ଏବଂ ଜାଭିଲିନ୍ ଥ୍ରୋ ରେ କିଶୋର ଜେନା ଅଂଶ ଗ୍ରହଣ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ଦୁଇ ଖେଳାଳିଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି ।

## ବନ୍ଧୁକ ଚାଳନା

ଓଡ଼ିଶା ରାଇଫଲ୍ ଆସୋସିଏସନ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଗତକାଲି ଠାରୁ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଆରମ୍ଭ ହୋଇଛି । ପ୍ରଥମ ଦିନରେ ଅନୁଷ୍ଠିତ ମହିଳା ବ୍ୟକ୍ତିଗତ ୫୦ ମିଟର ବନ୍ଧୁକ

ଚାଳନା ପ୍ରତିଯୋଗିତାରେ କଣିକା ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ପୁରୁଷ ବର୍ଗରେ ବିନୟ କୁମାର ଆଚାର୍ଯ୍ୟ ପ୍ରଥମ ହୋଇଛନ୍ତି । ସୂଚନା ଅନୁସାରେ ଆସନ୍ତାକାଲିଠାରୁ ଉତ୍କଳ କରାଟେ ସ୍କୁଲ୍‌ରେ ଏୟାର ରାଇଫଲ୍ ଓ ଏୟାର ପିସ୍ତଲ ଇଭେଣ୍ଟ ଅନୁଷ୍ଠିତ ହେବ ।

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ତଥା ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଉପରେ ଘୂର୍ଣ୍ଣିବଳୟ ଓ ସକ୍ରିୟ ମୌସୁମୀ ପ୍ରଭାବରେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।